# ଚନ୍ଦ୍ରକଳା କାବ୍ୟରେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ପରିକ୍ରମା

● ଅଧ୍ୟାପକ ସୁନୀଲ ରଥ

ସାହିତ୍ୟ, ସଂସ୍କୃତି ଓ କଳାର ପ୍ରତିଟି ସୋପାନ ଓ ଯୁଗୀୟ ପରିବର୍ତ୍ତନ ମୂଳରେ ଗୋଟିଏ ସ୍ୱତନ୍ତ୍ର ଗତିମୁଖର ନିୟମାନୁବଦ୍ଧତା ବିଦ୍ୟମାନ । ଏହି ନିୟମାନୁବଦ୍ଧତା ସମସାମୟିକ ସମୟର ଜୀବନବୋଧ, କଳାବୋଧ, ଆନନ୍ଦବୋଧକୁ ନେଇ ଗତିଶୀଳ ହେବା ସମୟରେ, ତା ମଧ୍ୟରେ ପରିବର୍ତ୍ତନର ସ୍ୱର ପରିଲକ୍ଷିତ ହେବା ଅସମ୍ଭବ ନୁହେଁ । କିନ୍ତୁ ସମସାମୟିକ ସାମାଜିକ ପୃଷ୍ଠଭୂମି କେବେ ହେଁ ତା'ର ଧର୍ମକୁ ପରିତ୍ୟାଗ କରି ଅଗ୍ରଗତି କରିପାରେ ନାହିଁ । ସ୍ରଷ୍ଟାର ସୃଷ୍ଟି ମାନସରେ, ଚିନ୍ତାନାୟକର ଚେତନାର ପଟ୍ଟଭୂମିରେ ପ୍ରଚ୍ଛନ୍ନ ଭାବରେ ଧର୍ମର ଅପ୍ରତିହତ ପ୍ରଭାବ ରହିଥାଏ ।

ଉତ୍କଳୀୟ ଦୃଶ୍ୟପଟରୁ ଏହି ଧାରଣାକୁ ଅବଲୋକନ କଲେ ଆମେ ଲକ୍ଷ୍ୟ କରିପାରିବା, ଯେଉଁ ଅଖଣ୍ଡ ଧର୍ମୀୟ ଚେତନା ପ୍ରବାହର ପ୍ରଭାବରେ ଆମର ଧର୍ମ, ସାହିତ୍ୟ, ଜୀବନଯାପନ ପ୍ରଣାଳୀ ପ୍ରଭାବିତ ଓ ପ୍ରବାହିତ, ତାହା ଏକମାତ୍ର ଶ୍ରୀଜଗନ୍ନାଥ ଚେତନା । ଶ୍ରୀଜଗନ୍ନାଥ ହିଁ ଆମର ଏକମାତ୍ର ଅନନ୍ୟ ଧ୍ୟେୟ, ଉପାସ୍ୟ ଓ ନମସ୍ୟ । ବୋଧହୁଏ ଜଗନ୍ନାଥଙ୍କ ବ୍ୟତିରେକେ ସାଧକର (ସେ ସାହିତ୍ୟ ସାଧକ ହେଉ ବା ଆଧ୍ୟାତ୍ମିକ ସାଧକ) ସାଧନା ଓ ସିଦ୍ଧି ନିରର୍ଥକ । ଉତ୍କଳୀୟଙ୍କ ଦୃଷ୍ଟିରେ ସଚ୍ଚିଦାନନ୍ଦ ଭଗବାନ ଶ୍ରୀଜଗନ୍ନାଥଙ୍କର ସ୍ୱରୂପ ମଧ୍ୟରେ ହିଁ ଜୀବ ପରମର ଅହରହ ଲୀଳାଖେଳା ଲାଗିଛି ଏବଂ ଏହି ନିତ୍ୟ ସମ୍ବନ୍ଧ ସଂଘଟିତ ହୋଇଥାଏ ମର୍ତ୍ତ୍ୟବୈକୁଣ୍ଠ ରୂପୀ ଶ୍ରୀକ୍ଷେତ୍ରରେ । ଉତ୍କଳୀୟଙ୍କ ଦୃଷ୍ଟିରେ ନିର୍ଗୁଣ ବ୍ରହ୍ମମୟ ପୁରୁଷଙ୍କ ସଗୁଣ ସ୍ୱରୂପ ହିଁ ଶ୍ରୀଜଗନ୍ନାଥ । ଏ କ୍ଷେତ୍ରସ୍ଥ ସମସ୍ତ ଦେବଦେବୀ ତାଙ୍କରି ସୃଷ୍ଟି; ମହାପ୍ରଳୟରେ ସମସ୍ତେ ତାଙ୍କରି ଠାରେ ଲୀନ ହେବେ । ଯେଉଁଥିପାଇଁ ହିନ୍ଦୁର ପରିଚିତ ସମସ୍ତ ଦେବଦେବୀଙ୍କର ସୁନ୍ଦର ସହାବସ୍ଥାନ ସଂଘଟିତ ହୋଇଛି ଏହି ଶ୍ରୀମନ୍ଦିରରେ ଓ ତାକୁ କେନ୍ଦ୍ରକରି ରହିଥିବା ଶ୍ରୀକ୍ଷେତ୍ରରେ । ବୋଧ ହୁଏ ପୃଥିବୀର ଅନ୍ୟ କୌଣସି ପ୍ରାନ୍ତରେ ଗୋଟିଏ କ୍ଷେତ୍ରରେ, ବିଶେଷତଃ ଗୋଟିଏ ମନ୍ଦିରର ଚତୁଃସୀମା ମଧ୍ୟରେ ହିନ୍ଦୁ ବିଶ୍ୱାସର ସକଳ ଦେବଦେବୀ ଆରାଧିତ ହେଉଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ କିମ୍ବା ଗୋଟିଏ ଦେବତାଙ୍କର ରହସ୍ୟମୟତ୍ୱକୁ ନେଇ ଧର୍ମ ଓ ସାହିତ୍ୟାଲୋଚନାର ଧାରା ଏତେ ପ୍ରବଳ ମାତ୍ରାରେ ଗତିଶୀଳ ନୁହେଁ, ଯାହା ଯୁଗ ଯୁଗ ଧରି ଶ୍ରୀଜଗନ୍ନାଥଙ୍କୁ ନେଇ ସମ୍ଭବ ।

ଓଡ଼ିଆ ସାହିତ୍ୟରେ ସାରଳାଦାସଙ୍କ ପୌରାଣିକ ସୃଷ୍ଟି ମହାଭାରତ ହେଉ କିମ୍ବା ପଞ୍ଚସଖା ଯୁଗର ଧର୍ମୀୟ ଯୋଗସାଧନାର ବନ୍ଧନରେ ଆବଦ୍ଧ ସୃଷ୍ଟିସମ୍ଭାର ହେଉ, ଅପର ଦିଗରେ ରୀତିଯୁଗୀୟ ଶୃଙ୍ଗାରିକତାର କଳ କଳ ଛଳ ଛଳ ଧାରାରେ ରସୋତ୍ତୀର୍ଣ୍ଣ ସାହିତ୍ୟ ହେଉ କିମ୍ବା ସମସାମୟିକ ସାହିତ୍ୟର ଆତ୍ମିକ ଦିଗ ହେଉ; ପ୍ରତ୍ୟେକ ସ୍ଥଳରେ ଉତ୍କଳୀୟ ଚିନ୍ତା, ଚେତନା ଓ ପ୍ରେରଣାର ପ୍ରତିଭୂ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ପ୍ରତ୍ୟକ୍ଷ ତଥା ପରୋକ୍ଷ ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହୁଏ ।

ଶତ ଶତ ବର୍ଷ ଧରି ଉତ୍କଳୀୟଙ୍କର ଆତ୍ମିକ, ସାମାଜିକ ତଥା ଆଧ୍ୟାତ୍ମିକ ସ୍ତରରେ ଶ୍ରୀଜଗନ୍ନାଥ ଓ ଜଗନ୍ନାଥ ଚେତନା ଲୀଳାୟିତ । କିନ୍ତୁ ଘୋର ଦୁଃଖର ବିଷୟ ଯେ, ଏହି ଶ୍ରଦ୍ଧାବାନ୍ ଠାକୁରଙ୍କ ମନ୍ଦିର ଓ କ୍ଷେତ୍ରର ଐତିହାସିକ ଦିଗଟିକୁ ଯଥାଯଥ ଭାବରେ ଆକଳନ କରିବା ପାଇଁ ଏ ଓଡ଼ିଆ ଜାତି କେବେ ମଧ୍ୟ ଅତୀତରେ ଚେଷ୍ଟା କରି ନ ଥିଲେ । କିନ୍ତୁ ସେ କାଳରେ ପରମ ଶ୍ରଦ୍ଧାର ସହ ସୃଷ୍ଟି କରି ଯାଇଥିବା କୃତିକୁ ନେଇ ହିଁ ଆଜିର ଆଲୋଚକଗଣ ନୂତନ ଦିଗ୍‌ଦର୍ଶନରେ ପ୍ରଚେଷ୍ଟାରତ ରହିଛନ୍ତି । ଏହି ପରିପ୍ରେକ୍ଷୀରେ ରୀତିଯୁଗୀୟ କବି କବିସୂର୍ଯ୍ୟ ବଳଦେବ ରଥଙ୍କ ଅସଂପୂର୍ଣ୍ଣ 'ଚନ୍ଦ୍ରକଳା' କାବ୍ୟର ପ୍ରଥମ ଛାନ୍ଦର ପ୍ରଥମ ୭୪ଟି ପଦକୁ ଆଲୋଚନାର ପରିସର ମଧ୍ୟକୁ ଆଣି ଜଗନ୍ନାଥ ଚେତନାକୁ ନୂତନ ଭାବେ ପୁଷ୍କଳ କରିବା ହିଁ ଏ ପ୍ରବନ୍ଧର ଲକ୍ଷ୍ୟ ।

ମୁଖ୍ୟତଃ ଶୃଙ୍ଗାର ରସାସ୍ରାରୀ ଛନ୍ଦୋବଦ୍ଧ ମଧ୍ୟଯୁଗୀୟ ରୀତି ସାହିତ୍ୟର ପରଂପରା ଥିଲା କାବ୍ୟର ପ୍ରାରମ୍ଭରେ ପରମାରାଧ୍ୟଙ୍କର ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ବା ନମଃସ୍କ୍ରିୟା । ତତ୍ ସହିତ ଖଳନିନ୍ଦା, ସାଧୁସ୍ତୁତି ଏବଂ ପରିଶେଷରେ ଗ୍ରନ୍ଥରେ ପ୍ରଦାନ କରିବାକୁ ଯାଉଥିବା ବିଷୟକ ସୂଚନା ବା ବସ୍ତୁନିର୍ଦ୍ଦେଶ । ଶତାଧିକ ବର୍ଷର ଏହି ପ୍ରକ୍ରିୟାର ଧାରାକୁ ପ୍ରତିହତ କରି କବିସୂର୍ଯ୍ୟ ବଳଦେବ ରଥ 'ଚନ୍ଦ୍ରକଳା' କାବ୍ୟର ପ୍ରଥମ ସର୍ଗରେ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ବେଢ଼ା ପରିକ୍ରମା

ବିଶଦଭାବରେ କରି ଯାଉଛନ୍ତି ।

କେବଳ ରୀତି ସାହିତ୍ୟ କାହିଁକି, ବେଢ଼ା ପରିକ୍ରମା ସଂପର୍କୀୟ ଗ୍ରନ୍ଥମାନଙ୍କୁ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ଅନୁଭବ କରି ହେବ ଯେ, ବେଢ଼ା ଏବଂ କ୍ଷେତ୍ର ପରିକ୍ରମଣର ଏପ୍ରକାର କାବ୍ୟିକ ଧାରା ବୋଧହୁଏ ପ୍ରଥମ ଏବଂ ଶେଷ କବି ଭାବରେ କବିସୂର୍ଯ୍ୟ ରଚନା କରିଛନ୍ତି ଓ ତାହା ମଧ ଚନ୍ଦକଳା କାବ୍ୟରେ ସୀମାବଦ୍ଧ ରହିଛି । ଅବଶ୍ୟ କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ପ୍ରଥମ ଛାନ୍ଦରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ବିଷୟକ ସାମାନ୍ୟ ବର୍ଣ୍ଣନା ରହିଥିଲେ ହେଁ ସେଥିରେ ଧର୍ମ କିମ୍ବା ଭକ୍ତିଭାବର ନିଦର୍ଶନ ପ୍ରଦର୍ଶନ ଅପେକ୍ଷା ରୀତିଯୁଗୀୟ କବିଚାତୁରୀର ପରାକାଷ୍ଠା ଓ ଉତ୍କଳୀୟ ସଂସ୍କୃତିର ପରିଚୟ ପ୍ରଦାନ ମାଧ୍ୟମରେ ସମଗ୍ର ଭାରତ ବର୍ଷରେ ଏହି କ୍ଷେତ୍ର ଓ ସାହିତ୍ୟକୁ ଶ୍ରେଷ୍ଠତ୍ୱର ଆସନ ପ୍ରଦାନ ପାଇଁ କବି ସମ୍ରାଟ ଯତ୍ନବାନ ହୋଇଛନ୍ତି ।[୧]

'ଚନ୍ଦ୍ରକଳା'ର ପ୍ରଥମ ଛାନ୍ଦକୁ ତନ୍ନତନ୍ନ କରି ଅବଲୋକନ କଲେ ଆମେ ଅଷ୍ଟାଦଶ ଶତାବ୍ଦୀର ଶେଷ ଦଶକ ଠାରୁ ଊନବିଂଶ ଶତାବ୍ଦୀର ପ୍ରଥମ ଦ୍ୱିଦଶକ ମଧରେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ଦେବଦେବୀଙ୍କ ସଂପର୍କରେ ବିଶଦ ବିବରଣୀ ପାଇଥାଉ । ଦ୍ୱିତୀୟ ଲକ୍ଷଣୀୟ ବିଷୟ ହେଲା, କବିସୂର୍ଯ୍ୟ ପାରଂପରିକ ଶୈଳୀର ବିଭିନ୍ନ ଦେବଦେବୀଙ୍କ ବନ୍ଦନା ଗାନ ନ କରି ରୀତିଯୁଗୀୟ ଛଟାରେ ବିଭିନ୍ନ ପୌରାଣିକ କଥାବସ୍ତୁକୁ ଆଧାର କରି ବେଢ଼ାସ୍ଥ ଦେବଦେବୀଙ୍କ ଠାରେ ତାହା ସୁନ୍ଦର ଭାବରେ ସଂଯୋଜିତ କରିଛନ୍ତି । ଫଳରେ ଆମେ ଏକାଧାରରେ ତଥ୍ୟ, ତତ୍ତ୍ୱ ଓ ରସଚର୍ଚ୍ଚାର ତ୍ରିବେଣୀଧାରା ମଧରେ ଅବଗାହନ କଲାପରି ମନେହୁଏ ।

ତେବେ କବିଙ୍କର 'ଚନ୍ଦ୍ରକଳା'ର ପ୍ରଥମ ଛାନ୍ଦସ୍ଥ ବେଢ଼ା ପରିକ୍ରମା ବିଷୟରେ ଆଲୋଚନା କରିବା ପୂର୍ବରୁ ବେଢ଼ା ପରିକ୍ରମା ସଂପର୍କୀୟ ଆଉ କେତୋଟି ଗ୍ରନ୍ଥ ସହିତ ଶ୍ରୀମନ୍ଦିରର ଦେବଦେବୀଙ୍କ ସଂପର୍କରେ ଏକ ଆକଳନ କରିବାର ପ୍ରାସଙ୍ଗିକତାକୁ ଉପଲବ୍ଧି କରୁଛି । ଏଯାବତ୍ ଯେଉଁ କେତୋଟି ବେଢ଼ା ପରିକ୍ରମା ସଂପର୍କୀୟ ପୁସ୍ତକ ଦୃଷ୍ଟିଗୋଚର ହୁଏ, ସେଗୁଡ଼ିକ ହେଲା ବଳରାମ ଦାସଙ୍କ 'ବେଢ଼ା ପରିକ୍ରମା' ଓ ଯଶୋବନ୍ତ ଦାସଙ୍କ 'ପ୍ରେମଭକ୍ତି ବ୍ରହ୍ମଗୀତା'ର ପଞ୍ଚମ ଅଧ୍ୟାୟରେ କୃଷ୍ଣ କର୍ତ୍ତୃକ ଅର୍ଜ୍ଜୁନଙ୍କ ବେଢ଼ା ପରିକ୍ରମଣ, 'କପିଳ ସଂହିତା'ର ପଞ୍ଚମ ଅଧ୍ୟାୟସ୍ଥ କ୍ଷେତ୍ର ଓ ବେଢ଼ାର ଦେବାଦେବୀ, ଦିବାକର ଦାସଙ୍କ 'ଶ୍ରୀଜଗନ୍ନାଥ ଚରିତାମୃତ'ର ବିଂଶ ଅଧ୍ୟାୟର ବେଢ଼ା ପରିକ୍ରମଣ, ଡ଼ଃ ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଂପାଦିତ 'ସ୍ତୋତ୍ର ରତ୍ନାବଳୀ'ରେ ସଂଯୋଜିତ 'ମୁକ୍ତି ଚିନ୍ତାମଣି'ର ବେଢ଼ାସ୍ଥ ଦେବଦେବୀଙ୍କ କ୍ରମାନ୍ୱୟରେ ପରିକ୍ରମଣକାଳୀନ ସ୍ତୁତି । ବେଢ଼ାବୁଲା ନାମରେ ତିନିଖଣ୍ଡ ଅର୍ବାଚୀନ ଗ୍ରନ୍ଥ ଆଜିର 'ଚନ୍ଦ୍ରକଳା'ର ଆଲୋଚନା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ।

ବଳରାମ ଦାସ, ଯଶୋବନ୍ତ ଦାସ ଏବଂ ଦିବାକର ଦାସଙ୍କ ରଚନାମାନଙ୍କରେ ଶ୍ରୀମନ୍ଦିରର ଅନେକ ଦେବଦେବୀଙ୍କ ସଂପର୍କରେ ଉଲ୍ଲେଖ ନାହିଁ । ମୁଖ୍ୟତଃ ଏମାନେ ପତିତପାବନ, କାଶୀବିଶ୍ୱନାଥ, ସିଂହଦ୍ୱାରସ୍ଥ ଜୟ ବିଜୟ ମୂର୍ତ୍ତି, କଳ୍ପବଟ ନିମ୍ନସ୍ଥ ପଞ୍ଚପାଣ୍ଡବଙ୍କ ମନ୍ଦିର, ସାକ୍ଷୀଗୋପାଳ, ଭୁବନେଶ୍ୱରୀ, ସୂର୍ଯ୍ୟ ମନ୍ଦିର ଆଦିର ବିବରଣୀ ପ୍ରଦାନ କରି ନ ଥିବା ବେଳେ ମୁକ୍ତି ଚିନ୍ତାମଣିରେ ପରିକ୍ରମାକାଳୀନ କ୍ରମ ସଠିକ ଭାବରେ ଉପସ୍ଥାପିତ ହୋଇନାହିଁ । କିନ୍ତୁ ଭଞ୍ଜ ଏବଂ କବିସୂର୍ଯ୍ୟଙ୍କ ସମୟକୁ ପ୍ରାୟ ଅଧିକାଂଶ ମନ୍ଦିର ନିର୍ମିତ ହୋଇସାରିଥିବାର ସୂଚନା ମିଳିଲେ ହେଁ ଅଳ୍ପକିଛି ମନ୍ଦିର ଯାହା ଚନ୍ଦ୍ରକଳାରେ ବର୍ଣ୍ଣିତ ହୋଇ ନାହିଁ, ତାହା ଏହି ଅର୍ବାଚୀନ ବେଢ଼ାବୁଲା ଗ୍ରନ୍ଥମାନଙ୍କରେ ଦେଖିବାକୁ ମିଳେ ।

ଅପର ପକ୍ଷରେ ବଳରାମ ଦାସ ଏବଂ ଦିବାକର ଦାସ ବେଢ଼ା ପରିକ୍ରମା ମାଧ୍ୟମରେ ଶ୍ରୀମନ୍ଦିରର ଦେବଦେବୀଙ୍କ ନିକଟରେ ଆତ୍ମିକ ନିବେଦନ କରିଛନ୍ତି । ଯଶୋବନ୍ତ କୃଷ୍ଣକର୍ତ୍ତୃକ ଅର୍ଜ୍ଜୁନଙ୍କୁ ସମସ୍ତ ଦେବଦେବୀଙ୍କ ପରିଚୟ ପ୍ରଦାନ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ଅବତାରିତ୍ୱକୁ ମୁଖ୍ୟ ଭାବରେ ଉପସ୍ଥାପିତ କରିଛନ୍ତି । ମୁକ୍ତି ଚିନ୍ତାମଣି ଓ ବେଢ଼ାବୁଲା ଆଦିରେ ଦେବଦେବୀଙ୍କ ସ୍ତୁତିଗାନ ମଧରେ ପରିକ୍ରମା ସୀମାବଦ୍ଧ ରହିଛି । କିନ୍ତୁ ଏ ସମସ୍ତ ଧାରାଠାରୁ ଉର୍ଦ୍ଧ୍ୱରେ କବିସୂର୍ଯ୍ୟ ବଳଦେବ ରଥ ଭଞ୍ଜଙ୍କ ପଦାଙ୍କ ଅନୁସରଣ କରି ସ୍ୱୀୟ ଜଗନ୍ନାଥୈକପ୍ରାଣତାର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ଉପସ୍ଥାପିତ କରିବା ସହ, ଚାତୁର୍ଯ୍ୟମୟ ବର୍ଣ୍ଣନା ପାଟବତା, ଅଳଙ୍କାରର ସମାରୋହ ଓ ରଚନାଶୈଳୀର ଅପୂର୍ବ ଆଲେଖ୍ୟ 'ଚନ୍ଦ୍ରକଳା'ର ପ୍ରଥମ ଛାନ୍ଦରେ ପ୍ରଦାନ କରି ଉତ୍କଳୀୟ କବି ଓ ଭକ୍ତଙ୍କ ମଧରେ ନିଜସ୍ୱ ଏକ ମର୍ଯ୍ୟାଦାସଂପନ୍ନ ଆସନ ସୁରକ୍ଷିତ ରଖି ପାରିଛନ୍ତି ।

'ଚନ୍ଦ୍ରକଳା'ର ପ୍ରଥମ ଛାନ୍ଦ ପ୍ରଥମ ପଦରେ 'ଜମ୍ବୁଦ୍ୱୀପ ଲବଣ ଜଳଧି ନିକଟସ୍ଥ କମ୍ବୁ କ୍ଷେତ୍ରର ଶ୍ରେଷ୍ଠ ପୁରୁଷ'ଙ୍କ ଜୟଗାନ କରି ୨ୟ ଏବଂ ୩ୟ ପଦରୁ ଶ୍ରୀକ୍ଷେତ୍ର ପରିକ୍ରମା ଆରମ୍ଭ କରିଛନ୍ତି । କବିଙ୍କ ଭାଷାରେ,

**କଷ୍ଟଧ୍ୱଂସୀ ଅଷ୍ଟ ଅଷ୍ଟମୂର୍ତ୍ତି ଜୟ ଜୟ,**
**ବହୁ ସଂଖ୍ୟ ଭବାନୀ କର ମୋ ଭୟ କ୍ଷୟ ଯେ ।**
**ମାର୍କଣ୍ଡେୟ ସିତଗଙ୍ଗା ଶ୍ରୀରୋହିଣୀ କୁଣ୍ଡ,**

**ତୀର୍ଥରାଜ ଇନ୍ଦ୍ରଦ୍ୟୁମ୍ନ କଳିତାପ ଖଣ୍ଡ ଯେ । (୧/୨,୩)**

ଏହି ପଦଦ୍ୱୟରୁ ସେ କ୍ଷେତ୍ରନିବାସୀ ନ ଥିଲେ ମଧ୍ୟ ତାଙ୍କର କ୍ଷେତ୍ର ସଂପର୍କୀୟ ଗଭୀର ଜ୍ଞାନ ଏବଂ ବହୁ ଶାସ୍ତ୍ରଦର୍ଶିତାର ପରିଚୟ ମିଳିଥାଏ । କବିଙ୍କ ସୂଚିତ 'ଅଷ୍ଟ ଅଷ୍ଟମୂର୍ତ୍ତି' ହିଁ ଶ୍ରୀକ୍ଷେତ୍ରର ଅଷ୍ଟ ଶିବ ଯିଏ କି କଷ୍ଟଧ୍ୱଂସୀ ଅଟନ୍ତି, ତାଙ୍କୁ ଦୁଇଟି ଅର୍ଥରେ ଗ୍ରହଣ କରାଯାଇ ପାରେ । ଏକ ଦିଗରେ ଗଜପତିଙ୍କ ପୁରୁଣା ନଅର ମଧ୍ୟସ୍ଥ ଆରାଧ୍ୟ ଅଷ୍ଟଶମ୍ଭୁ ଯାହାଙ୍କୁ କି ଜଳ, ଅଗ୍ନି, ବାୟୁ, ଆକାଶ, ପୃଥିବୀ, ଯଜମାନ, ଚନ୍ଦ୍ର, ସୂର୍ଯ୍ୟ ଆଦି ଅଷ୍ଟ ମୂର୍ତ୍ତି ଭାବରେ ଗ୍ରହଣ କରାଯାଇଛି ।[୨] ଅପର ପକ୍ଷଟି ସ୍କନ୍ଦ ପୁରାଣର ଉତ୍କଳଖଣ୍ଡର ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣିତ କ୍ଷେତ୍ରସ୍ଥ ଅଷ୍ଟରୁଦ୍ର । ମୋ ମତରେ ପ୍ରଥମ ଅଷ୍ଟଶମ୍ଭୁ ଅପେକ୍ଷା ଅଷ୍ଟଶିବ ହିଁ ବେଶୀ ଗ୍ରହଣୀୟ । ସେମାନେ ହେଲେ କପାଳମୋଚନ, କାମପାଳ, କ୍ଷେତ୍ରପାଳ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ବିଶ୍ୱେଶ୍ୱର (ଈଶାନେଶ୍ୱର), ନୀଳକଣ୍ଠ, ବଟେଶ୍ୱର ।[୩] ଏହାଛଡ଼ା ବର୍ଣ୍ଣିତ ବହୁସଂଖ୍ୟ ଭବାନୀ ଅଷ୍ଟଦୁର୍ଗାଙ୍କ ବ୍ୟତୀତ ଅନ୍ୟ କେହି ହୋଇ ନ ପାରନ୍ତି, ଯାହାଙ୍କ ଉପରେ ଶ୍ରୀକ୍ଷେତ୍ର ରକ୍ଷାର ଭାର ସଂପୂର୍ଣ୍ଣ ଭାବରେ ନିୟୋଜିତ । ସ୍କନ୍ଦ ପୁରାଣାନୁସାରେ ସେମାନେ ହେଲେ 'ମଙ୍ଗଳା, ବିମଳା, ସର୍ବମଙ୍ଗଳା (ବାଟମଙ୍ଗଳା), ଅର୍ଦ୍ଧାଶନୀ, ଲମ୍ବା (ଅଲାମଚଣ୍ଡୀ), କାଳରାତ୍ରି (ଦକ୍ଷିଣକାଳିକା), ମରୀଚିକା ଏବଂ ଚଣ୍ଡରୂପା ।[୪]

'ଚନ୍ଦ୍ରକଳା'ରେ ବର୍ଣ୍ଣିତ ପଞ୍ଚତୀର୍ଥ ମଧ୍ୟ ସଂପ୍ରତି ଲୋକଚଳଣିର ପଞ୍ଚତୀର୍ଥ ଠାରୁ ଭିନ୍ନ । କାରଣ ସ୍କନ୍ଦ ପୁରାଣ ବର୍ଣ୍ଣିତ ରୋହିଣୀ ତୀର୍ଥର[୫] ସ୍ଥାନ ସ୍କନ୍ଦପୁରାଣ କାଶୀଖଣ୍ଡ ଅନୁସରଣରେ ମଣିକର୍ଣ୍ଣିକା ଓ ସ୍ଥଳ ବିଶେଷରେ ନରେନ୍ଦ୍ର ପୁଷ୍କରିଣୀ ଲାଭ କରିଛନ୍ତି । ତେବେ 'ଚନ୍ଦ୍ରକଳା'ର ରଚନା କାଳ କିମ୍ବା ତତ୍ ପୂର୍ବବର୍ତ୍ତୀ କୃତିମାନଙ୍କରେ ରୋହିଣୀ କୁଣ୍ଡ ଥିଲା ପଞ୍ଚତୀର୍ଥ ମଧ୍ୟରେ ଶ୍ରେଷ୍ଠ । କିନ୍ତୁ 'ମୁକ୍ତି ଚିନ୍ତାମଣି'ରେ ରୋହିଣୀକୁଣ୍ଡ ସ୍ମରଣେ ଏବଂ ରୋହିଣୀ କୁଣ୍ଡ ପାଇଁ ଦୁଇଟି ଭିନ୍ନ ଭିନ୍ନ ଶ୍ଳୋକ ରହିଥିବା ପରି ଚନ୍ଦ୍ରକଳା କାବ୍ୟର ପ୍ରଥମ ଛାନ୍ଦରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ରୋହିଣୀ ଦୁର୍ଲଭ ସ୍ନାନତୀର୍ଥ ଓ ରୋହିଣୀ କାକତୀର୍ଥ ଭାବରେ ବର୍ଣ୍ଣନା ରହିଛି । ଏଥିରୁ ଏହା ସ୍ପଷ୍ଟ ଅନୁମେୟ ଯେ, କଳ୍ପବଟ ନିକଟବର୍ତ୍ତୀ କୌଣସି ସ୍ଥାନରେ ରୋହିଣୀ ତୀର୍ଥ ନାମକ ଜଳାଶୟ ରହିଥିଲା ଓ ସେଠି ସ୍ନାନ କଲେ ଦୁର୍ଲଭ ଫଳପ୍ରାପ୍ତିର ଆଶା ରହିଥିଲା ।[୬] କାଳକ୍ରମେ ଏହି ସ୍ନାନ ତୀର୍ଥର ବିଲୁପ୍ତି ଘଟି କେବଳ ସ୍ମରଣ ପାଇଁ ପଦ୍ୟାକାରରେ ରହିଯାଇଛି ।

କେବଳ ପ୍ରଥମ ଦୁଇଟି ପଦରୁ ନୁହେଁ, 'ଚନ୍ଦ୍ରକଳା'ର ନବମ ପଦରେ କାଶୀଶ୍ୱରଙ୍କ ବାଇଶି ପାହାଚରେ ଅବସ୍ଥାନର କାରଣ, ଚତୁର୍ଦ୍ଦଶ ଓ ପଞ୍ଚଦଶ ପଦରେ ସତ୍ୟନାରାୟଣଙ୍କ ପ୍ରସଙ୍ଗରେ ଯମଦଣ୍ଡରୁ ମୁକ୍ତିର ଫଳାଗମ, ପଞ୍ଚତ୍ରିଶ ଠାରୁ ଅଠତ୍ରିଶ ପଦଯାଏଁ ନୃସିଂହଙ୍କ ହିରଣ୍ୟକଶିପୁ ବିଦାରଣ ପ୍ରସଙ୍ଗ, ତେପନ ପଦରେ ଇନ୍ଦ୍ରଦ୍ୟୁମ୍ନଙ୍କ ଆରାଧ୍ୟ ନୀଳମାଧବ ଏବଂ ଛପନ ପଦରେ ଲକ୍ଷ୍ମୀଙ୍କ ବେଢ଼ା ପରିକ୍ରମାରେ ଶ୍ରୀବତ୍ସଲାଞ୍ଛନ ବସଗୁଛ ସହଚରୀ କରିବା ମଧ୍ୟରେ ବ୍ରହ୍ମ ଓ ସ୍କନ୍ଦ ପୁରାଣାଦି ବହୁ ଶାସ୍ତ୍ର ଦର୍ଶିତାର ପରିଚୟ ମିଳିଥାଏ । ତାହାର ବିଶଦ ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ପ୍ରବନ୍ଧର ଆବଶ୍ୟକତା ରହିଛି ।

'ଚନ୍ଦ୍ରକଳା'ରେ କବିଙ୍କ ଭୌଗୋଳିକ ଜ୍ଞାନର ମଧ୍ୟ ପରିଚୟ ମିଳିଥାଏ । ଚତୁର୍ଥ ପଦରେ ଶ୍ରୀଜଗନ୍ନାଥଙ୍କ ଅବସ୍ଥିତିକୁ 'ମହେନ୍ଦ୍ର ଚରମେ' ବା ମହେନ୍ଦ୍ର ଗିରିର ପୃଷ୍ଠଦେଶରେ ବୋଲି ଅଭିହିତ କରି ସଂସ୍କୃତ ମହାଭାରତର ମହାପ୍ରସ୍ଥାନିକ ପର୍ବର ମହୋଦଧିରେ ସ୍ନାନ ପୂର୍ବକ ପଞ୍ଚପାଣ୍ଡବଙ୍କୁ ମହେନ୍ଦ୍ର ଗିରିରେ ଅବସ୍ଥାନ ପାଇଁ ଲୋମଶ ଋଷି କହିଥିବା ବାକ୍ୟକୁ ନୀଳପର୍ବତ ବୋଲି ସୂଚିତ କରୁଛି । କି ସତ୍ୟନାରାୟଣ ରାଜଗୁରୁ ଏହାକୁ ପାରଳାଖେମୁଣ୍ଡି ନିକଟସ୍ଥ ମହେନ୍ଦ୍ର ପର୍ବତ ବୋଲି ଯୁକ୍ତି ବାଢ଼ିଥିବା ସ୍ଥଳେ ତାହାକୁ ଖଣ୍ଡନ କରି ଶ୍ରୀମନ୍ଦିର ପୁରୋହିତ ଶ୍ରୀ ହରିହର ମହାପାତ୍ର 'ମହେନ୍ଦ୍ର ଗିରି' କହିଲେ ନୀଳପର୍ବତ ସମେତ ସମଗ୍ର ପୂର୍ବଘାଟ ପର୍ବତମାଳା ବୋଲି ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର 'ଶ୍ରୀକ୍ଷେତ୍ରର ପ୍ରାଚୀନତା' ସଂପର୍କୀୟ ଆଲୋଚନା ମାଳାରେ ଉପସ୍ଥାପିତ କରିଥିଲେ । ଏହା 'ଚନ୍ଦ୍ରକଳା'ର ବର୍ଣ୍ଣନାରୁ ମଧ୍ୟ ପୁଷ୍ଟ ହେଉଛି ।

ଷଷ୍ଠଠାରୁ ଅଷ୍ଟମ ପଦଯାଏଁ ସିଂହଦ୍ୱାରରେ ଶ୍ରୀଜଗନ୍ନାଥ ପତିତପାବନ ଭାବରେ ଉଭା ହେବାର କାରଣ ଦର୍ଶାଇବାକୁ ଯାଇ ମୁସଲମାନ କନ୍ୟାକୁ ବିବାହ କରିଥିବା ଦ୍ୱିତୀୟ ରାମଚନ୍ଦ୍ର ଦେବ ମନ୍ଦିର ପ୍ରବେଶାଧିକାର ହରାଇଥିବା ହେତୁ ମନ୍ଦିର ବାହାରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପ୍ରାୟ ୧୭୩୪ ଖ୍ରୀଷ୍ଟାବ୍ଦ ବେଳକୁ ପ୍ରତିତପାବନ ପ୍ରତିଷ୍ଠା ପାଇଥିବା ଭଳି ବର୍ଣ୍ଣନାକୁ ଗ୍ରହଣ ନ କରି ସ୍ୱକୀୟ ଦୃଷ୍ଟିଭଙ୍ଗୀରେ ଉପସ୍ଥାପିତ କରିଛନ୍ତି, ଯାହାକୁ ଅଗ୍ରାହ୍ୟ ମଧ୍ୟ କରାଯାଇ ନ ପାରେ । କବିସୂର୍ଯ୍ୟଙ୍କ ମତରେ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବା ପାଇଁ ନନ୍ଦାବର୍ତ୍ତ ଦ୍ୱାର ନିକଟରେ ଚିତ୍ରପ୍ରାୟେ ଆଭାଷିଛନ୍ତି ।

ଦଶମ ଏବଂ ଏକାଦଶ ପଦରେ କାଶୀବିଶ୍ୱନାଥଙ୍କ ବାଇଶି ପାହାଚ ଅବସ୍ଥାନ ବିଷୟକ ସମସ୍ତ ଲୋକପ୍ରଚଳିତ କିମ୍ବଦନ୍ତୀକୁ ପରିହାର କରି ସ୍ୱକୀୟ କଳ୍ପନା ବଳରେ ଏକ ନୂତନ

କିମ୍ବଦନ୍ତୀ ସୃଷ୍ଟି କରିଛନ୍ତି । ତତ୍‌ସହିତ ମହାପ୍ରସାଦର ମହତ୍ତ୍ୱକୁ ମଧ୍ୟ ପରୋକ୍ଷରେ ପ୍ରକାଶ କରିଛନ୍ତି । 'ଚନ୍ଦ୍ରକଳା' କାବ୍ୟ ରଚନା କାଳକୁ ଆନନ୍ଦବଜାର ନଥିଲା ଏବଂ ବାଇଶିପାହାଚ ଉପରେ ହିଁ ମହାପ୍ରସାଦ ବିକ୍ରୀ ହେଉଥିଲା । କବିଙ୍କ ଭାଷାରେ-

**କାକଚଞ୍ଚୁ ପୁଟଭ୍ରଷ୍ଟ ଯାହାଙ୍କର ଲବ,**
**ବିତରନ୍ତି ତ୍ରିଲୋକ ନିର୍ବାଣ ମହୋତ୍ସବ ଯେ । (୧/୧୦)**
**ସେ ଶ୍ରୀମହାପ୍ରସାଦ ସୌରଭ ନିକେତନ**
**ମୋ ଶରଣ ଦ୍ୱାବିଂଶତି ସଂଖ୍ୟକ ସୋପାନ । (୧/୧୧)**

ରୀତିଯୁଗର ସାହିତ୍ୟ ଥିଲା ପରିପାଟୀ ସାହିତ୍ୟ । ଏଠି ହସିବା, କାନ୍ଦିବା କିମ୍ବା ଭକ୍ତି ବନ୍ଦନା ପାଇଁ ମଧ୍ୟ କେବଳ ଆବେଗ ମୁଖ୍ୟ ନ ଥିଲା । ବରଂ ଏଥିପାଇଁ ବହୁ ଶବ୍ଦର ଦାମ୍ଭିକତା, ଚାତୁର୍ଯ୍ୟପୂର୍ଣ୍ଣ ଉକ୍ତି ମାଧ୍ୟମରେ ନିଖୁଣ ପଦସୃଷ୍ଟି କରିବାକୁ ପଡୁଥିଲା । ସପ୍ତଦଶ ଠାରୁ ଊନବିଂଶ ପଦ ମଧ୍ୟରେ ବଟଗଣେଶ, ବଟେଶ୍ୱର, ବାଟମଙ୍ଗଳା ଓ କୁମାରଙ୍କ ଅବର୍ତ୍ତମାନକୁ ଲକ୍ଷ୍ୟ କରି ଭକ୍ତ କବିର ହୃଦୟରେ ସୃଷ୍ଟି ହୋଇଛି ରସ ପିପାସା, ଭାକ୍ତିକତା ଏବଂ କଳ୍ପନା ବିଳାସ । ତେଣୁ କବି କଳ୍ପବଟଙ୍କୁ ପ୍ରଣାମ କରୁ କରୁ କହିଛନ୍ତି, -

**ନିମିଳିନା କେଳି କାଳେ ଯା କୁମ୍ଭ ଶଙ୍କାରେ**
**ଉମା କୁଚାଚଳ ନୀଳ ଦୁକୂଳ ଝିଙ୍କାରେ ।**
**କୁମାର ହଟ ପ୍ରକଟ କରୁ ତାହା ଦେଖି**
**ହର ହସୁ ହେଁ ମୁଖ ହେଲେ ଚନ୍ଦ୍ରମୁଖୀ ।**
**ସେ ଭକ୍ତ ଜନସମୂହ ମହାବିଘ୍ନ ବାର**
**ଅଟକିବା ବଟଗଣେଶଙ୍କୁ ନମସ୍କାର । (୧/୧୭-୧୯)**

ଏ ଅଘଟଣ ଯୋଗୁଁ ଲଜ୍ୟାରେ କାର୍ତ୍ତିକେୟ ପଳାୟନ କରିଛନ୍ତି ଓ ବଟଗଣେଶ, ବଟମଙ୍ଗଳା ଓ ବଟେଶ୍ୱର ତିନି ଦିଗକୁ ମୁଖ କରି ବସିଛନ୍ତି । ଏତିକିରେ କବିଙ୍କର ଚାତୁର୍ଯ୍ୟର ପରିସମାପ୍ତି ଘଟିନାହିଁ । ବେଢ଼ା ପରିକ୍ରମାର ପରବର୍ତ୍ତୀ ପର୍ଯ୍ୟାୟରେ ବଟକୃଷ୍ଣଙ୍କୁ - 'ବଟ ବିଟପୀଶ୍ୱର', ବାଳମୁକୁନ୍ଦଙ୍କୁ - 'ରାଧା ମୁଖାମ୍ବୁଜ ଭ୍ରମେ ସ୍ୱପଦ ସାରସ', ରମା ସରସ୍ୱତୀ ବନ୍ଦ୍ୟ ଅନନ୍ତ ବାସୁଦେବଙ୍କୁ - 'ଭୁଜଙ୍ଗ ପୁଙ୍ଗବତଳ୍ପ ଅର୍ଥି କଳ୍ପତରୁ' ଆଦି ଅତିଶୟୋକ୍ତି ମାଧ୍ୟମରେ ସ୍ମରଣ କରିଛନ୍ତି ।

ଜ୍ଞାନ ମସ୍ତିଷ୍କର, ଭକ୍ତି ହୃଦୟର । ବିଶେଷତଃ ଜ୍ଞାନର ପରାକାଷ୍ଠା ଦେଖେଇ ହେବାକୁ ଯାଇ ବହୁ ରୀତିକବି ଯେଉଁଠି ଭକ୍ତିକୁ ଗୌଣ କରିଦେଇଛନ୍ତି, ସେଠି କିନ୍ତୁ କବିସୂର୍ଯ୍ୟ ଶବ୍ଦ ପାଣ୍ଡିତ୍ୟ ପ୍ରୟୋଗ କରି ଜ୍ଞାନର ସୂଚନା ସହିତ ଭକ୍ତିର ଅମୀୟ ମନ୍ଦାକିନୀ ଗୋଟିଏ ଧାରାରେ ପ୍ରବାହିତ କରାଇ ପାରିଛନ୍ତି । କବିଙ୍କର ଏହି ଭାବ ଜଗନ୍ନାଥ ଚେତନାଯୁକ୍ତ ସର୍ପଜଣାଣ ତଥା ଚଉତିଶା କ୍ରମରେ ରଚିତ ମହାବାହୁ ଜଣାଣ ଆଦିରେ ମଧ୍ୟ ଦେଖିବାକୁ ମିଳିଥାଏ ।

କବିସୂର୍ଯ୍ୟ ପାରଂପରିକ ଶୈଳୀରେ କ୍ଷେତ୍ରପାଳ, ନୀଳଚକ୍ର, ଯଜ୍ଞ ନୃସିଂହ, ମୁକ୍ତିମଣ୍ଡପ, ନୃତ୍ୟଗଣେଶ ବା କବିଙ୍କ ଭାଷାରେ ଖୁରି ଗଣେଶ, କାକତୀର୍ଥ ରୋହିଣୀକୁଣ୍ଡ ଆଦି ଦର୍ଶନ କରି କ୍ଷେତ୍ରାଧିକାରିଣୀ ବିମଳାଙ୍କୁ ଦର୍ଶନ କରିଛନ୍ତି । କବିଙ୍କ ବ୍ୟବହୃତ 'ଖୁରୀ' ଶବ୍ଦ ମଧ୍ୟ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । 'ଖୁରି' ଅର୍ଥ ଘଡ଼ି ବା ସମୟ ରୂପୀ କାଳ ବିଶେଷ । ଏହି ଗଣନାଥଙ୍କୁ ସମୟର ବା କାଳର ପ୍ରତୀକ ଭାବରେ ଉପସ୍ଥାପିତ କରିବା କବିଙ୍କର ନୂତନ ଉପଲବ୍ଧି । ତେବେ ଯଜ୍ଞ ନୃସିଂହ ଏବଂ ମାତୃଶକ୍ତି ବିମଳାଙ୍କ ସଂପର୍କରେ କହିବାକୁ ଯାଇ କବିସୂର୍ଯ୍ୟ ଯମକ, ଶ୍ଳେଷ ଓ ବକ୍ରୋକ୍ତି ଆଦିର ଅସାମାନ୍ୟ ପ୍ରୟୋଗ କରିଛନ୍ତି । କବିଙ୍କ ଭାଷାରେ -

**ପ୍ରବଳନ୍ତେ ହିରଣ୍ୟ ଦନୁଜ ଗଜ ବଳେ**
**ସମଗ୍ର କେଶରୀ ବେଶ ପରିଗ୍ରହ କାଳେ ।**
**ବିପତ୍ତି ଅଶକ୍ତ ଭକ୍ତ କରନ୍ତେ ସ୍ମରଣା,**
**ହୃଦକଞ୍ଜ ଦ୍ରବମୟ କରନ୍ତେ କରୁଣା ।**
**କଣ୍ଠୁଯାଏଁ କଣ୍ଠୀରବ ବେଶ ହୋଇଥିଲେ,**
**ସ୍ତମ୍ଭରୁ ସମ୍ଭବି ଦନୁଜକୁ ସେ ମାଇଲେ । (୧/୩୬-୩୮)**

ଏହା ଭକ୍ତକବିଙ୍କ ଶାସ୍ତ୍ରଜ୍ଞାନ ବର୍ଜିତ କଳ୍ପନା ନୁହେଁ । ବରଂ ଆର୍ତ୍ତିର ଆର୍ତ୍ତଚିତ୍କାରରେ ବ୍ୟଥିତ ବିଶ୍ୱପ୍ରାଣ ଶ୍ରୀଜଗନ୍ନାଥ ହିରଣ୍ୟ ଦନୁଜର ମଉକୁ ଧ୍ୱସ୍ତ କରିବା ପାଇଁ ସିଂହରୂପ ଧାରଣ କଲା କାଳରେ ହିଁ ଭକ୍ତ ପାଇଁ ଖମ୍ବରୁ ବାହାରି ଦନୁଜ ସଂହାର ପାଇଁ ବାଧ କରିଛି । ଏହା ସହ କବି ଆତ୍ମନିବେଦନ ଅତି ଚମତ୍କାର ଭାବରେ ପ୍ରାନ୍ତ ଯମକରେ କରିଛନ୍ତି -

**ପାପବଶୁଁ ଯିବାବେଳେ ମୁଁ ନରକେସରି**
**ଅବଲମ୍ବ ହୋଇବେକି ସେ ନରକେଶରୀ ।'' (୧/୩୯)**

ମୃଗେନ୍ଦ୍ରବାହିନୀ, ନଗାଧିରାଜକନ୍ୟା ବିମଳା କ୍ଷେତ୍ରାଧିକାରିଣୀ ଓ ତାଙ୍କରି ପ୍ରସାଦରୁ ହିଁ ମହାପ୍ରସାଦ ସମ୍ଭବ ବୋଲି କବିସୂର୍ଯ୍ୟ ଦୟିନୀ ହୋଇଛନ୍ତି ।

ବେଢ଼ା ପରିକ୍ରମା କ୍ରମରେ ବିମଳାଙ୍କ ପରେ, ବଳରାମ ଦାସ, ଦିବାକର ଦାସ କିମ୍ବା ଯଶୋବନ୍ତ ଦାସଙ୍କ ରଚନାରେ ମହାଲକ୍ଷ୍ମୀଙ୍କୁ ସ୍ମରଣ କରାଯାଇଛି । କିନ୍ତୁ ଚନ୍ଦ୍ରକଳା କାବ୍ୟରେ ଉଭୟଙ୍କ ମଧ୍ୟବର୍ତ୍ତୀ ସ୍ଥାନରେ ଶ୍ରୀମନ୍ଦିରର ପଶ୍ଚିମ ବେଢ଼ାରେ ରାଧାମାଧବ, ମଦନମୋହନ, ସାକ୍ଷୀଗୋପାଳ, କ୍ଷୀରଚୋରା ଗୋପୀନାଥ, ଭୁବନେଶ୍ୱରୀ, ଷଷ୍ଠୀ, ସରସ୍ୱତୀ, ଗାୟତ୍ରୀ, ସାବିତ୍ରୀଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା ମାଗିଛନ୍ତି ।

ଏଥିରୁ ଗୋଟିଏ କଥା ସୂଚିତ ହୁଏ ଯେ, ଷୋଡ଼ଶ ଶତାବ୍ଦୀ ବେଳକୁ ବିମଳା ଏବଂ ମହାଲକ୍ଷ୍ମୀଙ୍କ ବ୍ୟତୀତ ଅନ୍ୟ କାହାରି ମନ୍ଦିର ପଶ୍ଚିମ ଭାଗରେ ନ ଥିଲା । ଅନ୍ୟଥା ଏ ସମୟର ତିନି ତିନି ଜଣ ସାଧକ ଦେବଦେବୀଙ୍କ ସୂଚନା ପ୍ରଦାନ କାଳରେ ଏମାନଙ୍କ ସଂପର୍କରେ ସୂଚନା ଦେବାକୁ ଭୁଲି ଯାଇ ନ ଥାନ୍ତେ । ତେବେ ସପ୍ତଦଶ ଶତାବ୍ଦୀର ଶେଷ ଭାଗ ପରଠାରୁ ରଚିତ ଗ୍ରନ୍ଥମାନଙ୍କରେ ଏହି ଦେବଦେବୀଙ୍କ ସୂଚନା ମିଳୁଅଛି । ବୋଧହୁଏ ଦୀର୍ଘ ଏକଶହ ବର୍ଷ ମଧ୍ୟରେ ଏହି ମନ୍ଦିରମାନଙ୍କ ମଧ୍ୟରୁ କିଛି ନିର୍ମିତ ହୋଇ ସାରିଥିଲା ।

ଏପରିକି ସୂର୍ଯ୍ୟ ଏବଂ ନବଗ୍ରହ ମନ୍ଦିର ମଧ୍ୟ ସପ୍ତଦଶ ଶତାବ୍ଦୀର ତୃତୀୟ ଦଶକ ବେଳକୁ କିମ୍ବା କିଞ୍ଚିତ୍ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରକୁ କୋଣାର୍କ ଠାରୁ ଆସିଥିବାର ସୂଚନା ମାଦଳା ପାଞ୍ଜିରୁ ମିଳିଥାଏ । ରାମଚନ୍ଦ୍ର ଦେବଙ୍କ ସମୟରୁ ଆରମ୍ଭ କରାଯାଇଥିବା ମାଦଳା ପାଞ୍ଜିରେ ଆପାତତଃ ସେହି ସମୟ ଠାରୁ ଲିପିବଦ୍ଧ ସୂଚନାମାନଙ୍କୁ ସ୍ୱୀକାର କରାଯାଇପାରେ । ମାଦଳା ପାଞ୍ଜି ଅନୁସାରେ ବାଖର ଖାଁ ୧୬୨୮ ଖ୍ରୀଷ୍ଟାବ୍ଦରେ କୋଣାର୍କ ମନ୍ଦିର ଉପରେ ଉପଦ୍ରବ ଆରମ୍ଭ କରିଦେଇଥିଲା । ଫଳରେ 'ମଇତ୍ରାଦିତ୍ୟ ବିରଞ୍ଚିଦେବ' (କୋଣାର୍କର ସୂର୍ଯ୍ୟଦେବ) ଶ୍ରୀ ପୁରୁଷୋତ୍ତମ ଦେଉଳେ ବିଜେ କରିଥିଲେ ।[୭]

'ମୁକ୍ତି ଚିନ୍ତାମଣି' ଏବଂ 'ବେଢ଼ାବୁଲା' ଆଦିରେ ସୂର୍ଯ୍ୟ ମନ୍ଦିର ପରେ ପାତାଳେଶ୍ୱର ଓ ତା'ପରେ ପରିକ୍ରମା ରକ୍ଷା କରାଯାଇ ନାହିଁ । କିନ୍ତୁ 'ଚନ୍ଦ୍ରକଳା' କାବ୍ୟରେ ଏ କ୍ରମରେ ବ୍ୟାଘାତ ଘଟିନାହିଁ । କବିସୂର୍ଯ୍ୟ ଏଥିରେ ପାତାଳେଶ, ଉତ୍ତରାଣୀ, ଶୀତଳା, ଧରାଧର ଅଧିରାଜ କନ୍ୟା ସହ ଲୋକେଶ୍ୱର, ଈଶାନେଶ୍ୱର ଆଦି କ୍ରମରେ ଦର୍ଶନ କରିବା ସହ ଶ୍ରୀମନ୍ଦିରର ଜଗମୋହନରେ ଉପସ୍ଥିତ ହୋଇଛନ୍ତି । ଏଠାରେ ପାରଂପରିକ ଶୈଳୀରେ ଗରୁଡ଼ସ୍ତମ୍ଭର ବନ୍ଦନାଗାନ ନ କରି ରୀତି ଯୁଗାଦର୍ଶର ଅତିଶୟୋକ୍ତି ପ୍ରୟୋଗରେ କହିଛନ୍ତି,

**ତକ୍ଷକରଦଷ୍ଟ ଜନରକ୍ଷକ ଯା'ନାମ**
**ପକ୍ଷପାତ କରନ୍ତୁ ସେ ପକ୍ଷି ସାର୍ବଭୌମ । (୧/୬୮)**

କବିସୂର୍ଯ୍ୟ ଗରୁଡ଼ସ୍ତମ୍ଭ ଠାରୁ ଜୟ ବିଜୟ ନିକଟସ୍ଥ 'କଳାରାହାଟ ଯାଏଁ ଆସିଛନ୍ତି ଚନ୍ଦ୍ରକଳାରେ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖକୁ ଯିବାକୁ ବାରଣ ନ କରିବା ପାଇଁ ଜୟ ବିଜୟଙ୍କ ଠାରେ ଦୟିନୀ ହୋଇଛନ୍ତି । କବିଙ୍କ କାମ୍ୟ ଅବକାଶ ଠାରୁ ପୁଷ୍ପାଞ୍ଜଳି ଯାଏଁ ଶ୍ରୀଛାମୁରେ ରହିବା ।

ଶ୍ରୀମନ୍ଦିରର ଗର୍ଭଗୃହକୁ ପ୍ରବେଶ ଦ୍ୱାର, ଯାହକୁ କି କବିସୂର୍ଯ୍ୟ 'କଳାରାହାଟ' ବୋଲି ଉଲ୍ଲେଖ କରିଛନ୍ତି, ତାହା ଛାମୁଦ୍ୱାର ବା କଳାହାଟ ଦ୍ୱାର ବୋଲି ପରିଚିତ । ବେଦାନ୍ତସାର ଗୁପ୍ତଗୀତାରେ କଳାରାଏଟା (୨୧ ଅଧ୍ୟାୟ) ବୋଲି ଉଲ୍ଲେଖ ଅଛି । ଶବ୍ଦତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ମନେ ହୁଏ, କଳାରାଟ (ବା କାଳିଆରାଜା)ଙ୍କ ନିକଟସ୍ଥ ଦ୍ୱାର ଅପଭ୍ରଂଶର କ୍ରମରେ କଳାରାଏଟ, କଳାରାହାଟ ଓ କଳାହାଟକୁ ରୂପାନ୍ତରିତ ହୋଇଛି ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ, ଶ୍ରୀଜଗନ୍ନାଥ ଚେତନାର ପ୍ରଚାରକ ରୀତିଯୁଗର ଶେଷ ପର୍ଯ୍ୟାୟର କବି କବିସୂର୍ଯ୍ୟ ବଳଦେବ ରଥ ଭାବ, ଭାଷା ଓ ଭକ୍ତିରସର ଯେଉଁ ଅଫୁରନ୍ତ ପରିପ୍ରକାଶ 'ଚନ୍ଦ୍ରକଳା' କାବ୍ୟର ପ୍ରଥମ ଛାନ୍ଦରେ ଘଟାଇବା ସହିତ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ଦେବଦେବୀଙ୍କ ସଂପର୍କରେ ଯେଉଁ ରସୋତ୍ତୀର୍ଣ୍ଣ ବର୍ଣ୍ଣନା ପ୍ରଦାନ କରିଛନ୍ତି, ତାହା ବାସ୍ତବରେ କବିଙ୍କର ଜଗନ୍ନାଥ ଓ ତତ୍ ସଂପର୍କୀୟ ତତ୍ତ୍ୱ ଓ ତଥ୍ୟରେ ରହିଥିବା ସିଦ୍ଧିର ସୂଚନା ଦିଏ । ତେବେ ଦୁଃଖର କଥା, ସଂପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଥିବା ଏହି ଅସଂପୂର୍ଣ୍ଣ କାବ୍ୟଟିର ପ୍ରଥମ ସର୍ଗଟିକୁ ଜଗନ୍ନାଥ ତତ୍ତ୍ୱାନୁସନ୍ଧିତ୍ସୁ ଓ ଗବେଷକ ମାନଙ୍କର ମାର୍ଗଦର୍ଶନରେ ଗୁଣ୍ଡୁଚିର ଅବଦାନ ପ୍ରଦାନ କରିବ, ଏହା ଅନସ୍ୱୀକାର୍ଯ୍ୟ ।

**ପାଦଟୀକା :**

୧. ଆସି କାଶୀଶ୍ୱର ବାସ କଲେ ଏହା ଜାଣି, ଅନ୍ୟକ୍ଷେତ୍ର ସମସ୍ତଙ୍କ ଏ ମଉଡ଼ ମଣି । (କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ୧/୨)
୨. ଦ୍ରଷ୍ଟବ୍ୟ କବିସୂର୍ଯ୍ୟ ଗ୍ରନ୍ଥାବଳୀ, କଟକ ପବ୍ଲିସିଙ୍ଗ ହାଉସ, ନବମ ସଂସ୍କରଣ ପୃଷ୍ଠା - ୩୨୯
୩. କପାଳ ମୋଚନଂ କାମଂ କ୍ଷେତ୍ରପାଳଂ ଯମେଶ୍ୱରମ୍
ମାର୍କଣ୍ଡେୟଂ ତଥେଶ୍ୱାନଂ ବିଶ୍ୱେଶଂ ନୀଳକଣ୍ଠମ୍ ।
ବଟମୂଳେ ବଟେଶଞ୍ଚ ଲିଙ୍ଗନ୍ୟଷ୍ଟୌ ମହେଶିତୁଃ
ତାନି ଦୃଷ୍ଟ୍ୱା ତଥା ସ୍ପୃଷ୍ଟ୍ୱା ପୂଜୟିତ୍ୱା ବିମୁଖତେ । (ସ୍କନ୍ଦପୁରାଣ, ଉତ୍କଳଖଣ୍ଡ, ଚତୁର୍ଥଅଧ୍ୟାୟ, ୫୮,୫୯)
୪. ସାତ୍ର ତିଷ୍ଠତି ମତ୍ ପ୍ରୀତ୍ୟୈ ଅଷ୍ଟଧା ଦିକ୍ଷୁ ସଂସ୍ଥିତା
X X X X
ଏତାଭିରୁଗ୍ରରୂପାଭିଃ ଶକ୍ତିଭିଃ ପରିରକ୍ଷିତମ୍ । (ଏଜନ, ୪/୪୭-୫୦)
୫. ବାୟବ୍ୟାଂ ଦିଶି ଯତ୍ କୁଣ୍ଡ ରୋହିଣଂ ନାମ ବିଶ୍ରୁତମ୍
ତତ୍ତୀରେ ନିବସନ୍ତ ମାଂ ପଶ୍ୟନ୍ତ୍ୟର୍ମ୍ମଚକ୍ଷୁଷା । (ସ୍କ:ପୁ: ଉତ୍କଳଖଣ୍ଡ ୧/୩୯)
୬. ରୋହିଣ୍ୟାଖ୍ୟଂ ମହାତୀର୍ଥଂ କାରଣଂ ସର୍ବପାଥସାମ୍
ଅତ୍ର ସ୍ନାତ୍ୱା ନରୋ ଯାତି ବୈକୁଣ୍ଠଭବନଂ ଦ୍ୱିଜଃ (ସ୍କ.ପୁ. ଉତ୍କଳଖଣ୍ଡ ୮/୧୬) ଏବଂ ରୋହିଣୀତୀର୍ଥ (ପୁଷ୍କରିଣୀ) ବର୍ଣ୍ଣନା ଦଶମଅଧ୍ୟାୟ ୧୫ ଓ ୧୬ ଶ୍ଳୋକରେ ଦ୍ରଷ୍ଟବ୍ୟ (ତତ୍ରୈବ)
୭. ଓଡ଼ିଶା ଇତିହାସ, ପ୍ରଥମ ଖଣ୍ଡ, ୨ୟ ସଂସ୍କରଣ, ପୃଷ୍ଠା - ୨୩୫ ଦ୍ରଷ୍ଟବ୍ୟ ।

**ଉପର ନୂଆସାହି, ପୁରୀ**